DHARITRI

07th March 2020

# କରୋନା ଭାଇରସ୍ ସଚେତନତା

କଟଣୀ,୬।୩(ଡି.ଏନ୍.ଏ):

କଟଣୀସ୍ଥିତ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍‌ନୋଲୋଜି (ଆଇଆଇଟି) ପରିସରରେ କରୋନା ଭାଇରସ୍ ଉପରେ ସଚେତଂନତା କାର୍ଯ୍ୟକ୍ରମ ଶୁକ୍ରବାର ଆରମ୍ଭ ହୋଇଛି। ଶିକ୍ଷାନୁଷ୍ଠାନ ମେଡିକାଲ ୟୁନିଟ ମାଧ୍ୟମରେ ସଚେତନତା ପରିପ୍ରେକ୍ଷୀରେ ଆଲୋଚନାଚକ୍ର ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଏଥିରେ ଏମ୍‌ସ ମାଇକ୍ରୋ ବାୟୋଲୋଜି ବିଭାଗର ମୁଖ୍ୟ ବୈଜୟନ୍ତୀମାଳା ମିଶ୍ର ଯୋଗଦେଇ କରୋନା ଭାଇରସ୍ ସଂକ୍ରମଣର ମୁକାବିଲା, ପ୍ରତିଷେଧକ ବ୍ୟବସ୍ଥା ଓ ସୃଷ୍ଟି ହେଉଥିବା ବିଭିନ୍ନ ଗୁଜବ ଉପରେ ବିସ୍ତୃତ ଭାବେ କହିଥିଲେ। ଏଥିରେ ପୌରୋହିତ୍ୟ କରୁଥିବା ଆଇଆଇଟି ନିର୍ଦ୍ଦେଶକ ପ୍ରଫେସର ଆର୍.ଭି. ରାଜାକୁମାର ଏହି ଭାଇରସ୍ ଉପରେ ବିଭିନ୍ନ ସୂଚନା ଦେବା ସହ ଶିକ୍ଷାନୁଷ୍ଠାନର ମେଡିକାଲ ୟୁନିଟର ଏପରି କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଏହି ପରିପ୍ରେକ୍ଷୀରେ ଏହି ଭାଇରସ୍ ନେଇ ଉପୁଜୁଥିବା ସନ୍ଦେହ ଦୂର ପାଇଁ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ମଧ୍ୟ ହୋଇଥିଲା। ଏଥିରେ ଶିକ୍ଷାନୁଷ୍ଠାନର ଫାକଲ୍‌ଟି, ବିଦ୍ୟାର୍ଥୀ ଓ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।